# NATIONAL NEWS BULLETIN (ODIA)

## 17th August - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପ୍ରାୟ ୧୧ ହଜାର କୋଟି ଟଙ୍କାର ଦୁଇଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ନୀତି, ନିୟମ ଏବଂ ନିର୍ଦ୍ଦେଶାବଳୀ ଆଧାରରେ ସ୍ୱଚ୍ଛତାର ସହ ଭୋଟର୍ ତାଲିକା ପ୍ରସ୍ତୁତ କରାଯାଉଛି; କହିଲେ ନିର୍ବାଚନ ଆୟୋଗ ।

- ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ।

- ପ୍ରବଳ ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ପାକିସ୍ତାନରେ ୩୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ।

ଏବଂ

- ଡୁରାଣ୍ଡ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ଆଜି ମୋହନ ବାଗାନ ସୁପର ଜାଏଣ୍ଟ ଏବଂ ଇଷ୍ଟ ବେଙ୍ଗଲ୍ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ଦିଲ୍ଲୀ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ପ୍ରାୟ ୧୧ ହଜାର କୋଟି ଟଙ୍କାର ୨ଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିବେ । ସେଥିମଧ୍ୟରେ ଦ୍ୱାରିକା ଏକ୍ସପ୍ରେସ୍‌ର ଦିଲ୍ଲୀ ସେକ୍ସନ ଏବଂ ସହରାଞ୍ଚଳ ସମ୍ପ୍ରସାରଣ ରାସ୍ତାର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ରାଜଧାନୀ କ୍ଷେତ୍ରରେ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ପ୍ରଦାନ ଏବଂ ନାଗରିକଙ୍କପାଇଁ ସହଜ ଜୀବନ ଯାପନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରାଯାଉଛି । ଦିଲ୍ଲୀରେ ସଡ଼କ ଯୋଗାଯୋଗକୁ ଅଧିକ ସୁସଂହତ କରିବା, ଯାତ୍ରା ସମୟକୁ ହ୍ରାସ କରିବା ଏବଂ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଭିଡ଼ କମ୍ କରିବାରେ ଏହି ପ୍ରକଳ୍ପ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଏହି ଅବସରରେ ଜନସମାବେଶକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ । ଦ୍ୱାରିକା ଏକ୍ସପ୍ରେସ୍

ଓ୍ୱେର ୧୦ ଦଶମିକ ୧ କିଲୋମିଟର ଦୀର୍ଘ ଦିଲ୍ଲୀ ସେକ୍ସନପାଇଁ ପ୍ରାୟ ୫ ହଜାର ୩୬୦ କୋଟି ଟଙ୍କା ବ୍ୟୟ କରାଯାଇଛି । ୫ ହଜାର ୫୮୦ କୋଟି ଟଙ୍କା ବ୍ୟୟରେ ସହରାଞ୍ଚଳ ସମ୍ପ୍ରସାରଣ ରାସ୍ତାର ଦ୍ୱିତୀୟ ପର୍ଯ୍ୟାୟକୁ ବିକଶିତ କରାଯାଇଛି । ଦିଲ୍ଲୀ ତଥା ୯ ନମ୍ବର ଜାତୀୟ ରାଜପଥରେ ଭିଡ଼ ହ୍ରାସ କରିବାରେ ଏହି ପ୍ରକଳ୍ପ ସହାୟକ ହେବ ।

## ଇ.ସି. - ଇଲେକ୍ଟୋରାଲ ରୋଲ୍‌ସ

ନୀତି, ନିୟମ ଏବଂ ନିର୍ଦ୍ଦେଶାବଳୀ ଆଧାରରେ ସ୍ୱଚ୍ଛତାର ସହ ଭୋଟର୍ ତାଲିକା ପ୍ରସ୍ତୁତ କରାଯାଉଛି ବୋଲି ଭାରତୀୟ ନିର୍ବାଚନ ଆୟୋଗ କହିଛନ୍ତି । ଏକ ବିବୃତ୍ତିରେ ଆୟୋଗ କହିଛନ୍ତି, ଭୋଟର୍ ତାଲିକା ପ୍ରସ୍ତୁତିରେ ପ୍ରତ୍ୟେକ ପର୍ଯ୍ୟାୟରେ ରାଜନୈତିକ ଦଳଗୁଡ଼ିକ ସଂଶ୍ଳିଷ୍ଟ ରହିଥିଲେ । ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ତାଲିକା ପ୍ରସ୍ତୁତି ସଂକ୍ରାନ୍ତ ଦାବି ଏବଂ ଆପତ୍ତି ଉପସ୍ଥାପନ କରାଯାଇଥିଲେ ପଞ୍ଜୀକରଣ ଅଧିକାରୀ ଏହାକୁ ଯାଞ୍ଚ୍ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିପାରିଥା'ନ୍ତେ । ଏହାକୁ ଦୃଷ୍ଟିରେ ରଖି ଚିଠା ତାଲିକା ରାଜନୈତିକ ଦଳର ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଥିଲା ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି । ଚିଠା ଭୋଟର୍ ତାଲିକା ଡିଜିଟାଲ୍ ତଥା ଛପା ଫର୍ମାଟରେ ସମସ୍ତଙ୍କ ଅବଗତି ନିମନ୍ତେ ମଧ୍ୟ ପ୍ରକାଶ କରାଯାଇଥିଲା ।

ରାଜନୈତିକ ଦଳଗୁଡ଼ିକର ବୁଥ୍‌ସ୍ତରୀୟ ଏଜେଣ୍ଟ ଚିଠା ତାଲିକାର ଉପଯୁକ୍ତ ସମୀକ୍ଷା କରିବାରେ ବିଫଳ ହୋଇଛନ୍ତି । ଆୟୋଗ କହିଛନ୍ତି, ସ୍ୱଚ୍ଛ ଭୋଟର ତାଲିକା ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ । ଏଥିପାଇଁ ସାଧାରଣ ଲୋକଙ୍କ ଅବଗତି ନିମନ୍ତେ କମିଶନ୍‌ଙ୍କ ଓ୍ୱେବ୍‌ସାଇଟ୍‌ରେ ଚିଠାତାଲିକା ପ୍ରକାଶ କରାଯାଇଥାଏ ବୋଲି ଆୟୋଗ କହିଛନ୍ତି ।

## ଜୟଶଙ୍କର - କୋରିଆନ୍ ଏଫ୍.ଏମ୍.

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ନୂଆଦିଲ୍ଲୀରେ ଦକ୍ଷିଣ କୋରିଆ ପ୍ରତିପକ୍ଷ ଚୋ ହ୍ୟୁନ୍'ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ବାଣିଜ୍ୟ, ଉତ୍ପାଦନ, ସାମୁଦ୍ରିକ, ତଥା ଲୋକସମ୍ପର୍କ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ଦକ୍ଷିଣ କୋରିଆ ପ୍ରତିପକ୍ଷଙ୍କ ସହ ଫଳପ୍ରଦ ଆଲୋଚନା ହୋଇଛି । କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ସ୍ୱଚ୍ଛ ଶକ୍ତି ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୋଚନ ନେଇ ଉଭୟ ପକ୍ଷ ମତ ବିନିମୟ କରିଥିବା ଡକ୍ଟର ଜୟଶଙ୍କର କହିଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ମଧ୍ୟ ଉଭୟ ନେତାଙ୍କ ମଧ୍ୟରେ

ଆଲୋଚନା ହୋଇଥିବା ଡକ୍ଟର ଜୟଶଙ୍କର କହିଛନ୍ତି । ଭାରତ ଏବଂ ଦକ୍ଷିଣ କୋରିଆ ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାରେ ଦଶବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ଦୁଇ ଦେଶ ମଧ୍ୟରେ ସୁଦୃଢ଼ ସମନ୍ୱୟ ଏବଂ ବ୍ୟାପକ ସମ୍ପର୍କ ବୃଦ୍ଧି ନେଇ ଦକ୍ଷିଣ କୋରିଆର ସହଯୋଗକୁ ଡକ୍ଟର ଜୟଶଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ।

ଦକ୍ଷିଣ କୋରିଆର ବୈଦେଶିକ ମନ୍ତ୍ରୀ ଚୋ ହ୍ୟୁନ୍ କହିଛନ୍ତି, ଆତଙ୍କବାଦ ପ୍ରସଙ୍ଗରେ ତାଙ୍କ ଦେଶର ନୀତି ବହୁତ ସ୍ୱଷ୍ଟ ଏବଂ କଠୋର । ଗଣମାଧ୍ୟମ ସହ ଆଲୋଚନାବେଳେ ଶ୍ରୀ ହ୍ୟୁନ୍ କହିଛନ୍ତି, ଯେକୌଣସି ପ୍ରକାର ଆତଙ୍କବାଦ ଘଟଣାକୁ ଦକ୍ଷିଣ କୋରିଆ ଦୃଢ଼ ବିରୋଧ କରେ । ଏ କ୍ଷେତ୍ରରେ ଭାରତ ସରକାର ଏବଂ ନାଗରିକଙ୍କ ସହ ଦକ୍ଷିଣ କୋରିଆ ରହିଛି ବୋଲି ସେ କହିଛନ୍ତି ।

# ବି.ଜେ.ପି. ପାର୍ଲାମେଣ୍ଟାରୀ ବୋର୍ଡ଼

ଭାରତୀୟ ଜନତା ପାର୍ଟି ସଂସଦୀୟ ବୋର୍ଡ଼ର ଏକ ବୈଠକ ଆଜି ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ରହିଛି । ବୋର୍ଡ଼ର ସମସ୍ତ ସଦସ୍ୟ ଏହି ବୈଠକରେ ଯୋଗଦେବେ । ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନପାଇଁ ପ୍ରାର୍ଥୀ

ଚୟନ ନେଇ ବୈଠକରେ ଆଲୋଚନା ହୋଇପାରେ । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ – ଏନ୍.ଡି.ଏ.ର ଗତ ୬ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରାର୍ଥୀ ଚୟନ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବି.ଜେ.ପି. ସଭାପତି ଜଗତ୍ ପ୍ରକାଶ ନଡ୍ଡାଙ୍କୁ ସର୍ବସମ୍ମତିକ୍ରମେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଆସନ୍ତା ଗୁରୁବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ରହିଛି । ଆସନ୍ତାମାସ ୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ପଦବି ଖାଲି ପଡ଼ିଛି ।

## ଆଷ୍ଟ୍ରୋନଟ୍ ଶୁକ୍ଲା – ରିଟର୍ଣ୍ଣ

ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଆଜି ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ସକାଳେ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ୍ ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ଶ୍ରୀ ଶୁକ୍ଲାଙ୍କ ପରିବାରବର୍ଗ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଆନ୍ତର୍ଜାତିକ ମହାକାଶ କେନ୍ଦ୍ର – ଆଇ.ଏସ୍.ଏସ୍.କୁ ସଫଳ ଯାତ୍ରାକରି ପୃଥିବୀକୁ ପ୍ରତ୍ୟାବର୍ତ୍ତନ ପରେ ସ୍ୱାସ୍ଥ୍ୟଗତ ପରିବର୍ତ୍ତନ ସକାଶେ ଶ୍ରୀ ଶୁକ୍ଲା ଆମେରିକାରେ ରହିଥିଲେ ।

ଆଇ.ଏସ୍.ଏସ୍.ରେ ୧୮ ଦିନିଆ ସଫଳ ମିଶନ ଶେଷ କରି ଶ୍ରୀ ଶୁକ୍ଳା ଗତମାସ ୧୫ ତାରିଖରେ ଭୂପୃଷ୍ଠକୁ ଫେରିଥିଲେ । ଅକ୍ଜିଅମ୍-୪ ମିଶନର ପାଇଲଟ୍ ଭାବେ ଶ୍ରୀ ଶୁକ୍ଳା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାତ୍ରା କରିଥିଲେ । ସେଠାରେ ବିଭିନ୍ନ ଗବେଷଣାରେ ସାମିଲ୍ ହେବା ସହ ମାଇକ୍ରୋ ଗ୍ରାଭିଟି କ୍ଷେତ୍ରରେ ପରୀକ୍ଷଣ କରିଥିଲେ ।  ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ମିଶନ ଗଗନଯାନ ପାଇଁ ଶ୍ରୀ ଶୁକ୍ଳା ତାଲିକାଭୁକ୍ତ ହୋଇଛନ୍ତି । ଆସନ୍ତାବର୍ଷ ଶେଷ ସୁଦ୍ଧା ଏହି ମିଶନ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ଏଫ୍.ଏସ୍. - ନେପାଳ ଭିଜିଟ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜିଠାରୁ ଦୁଇଦିନିଆ ନେପାଳ ଗସ୍ତରେ ଯିବେ । ନେପାଳର ବୈଦେଶିକ ସଚିବ ଅମୃତ ବାହାଦୁର ରାଇଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମିଶ୍ରି ଏହି ଗସ୍ତରେ ଯାଉଛନ୍ତି । ଭାରତ ଏବଂ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସୁଦୃଢ଼ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । 'ପଡ଼ୋଶୀ ପ୍ରଥମ' ନୀତି ଆଧାରରେ ଭାରତ' ନେପାଳ ସହିତ ସମ୍ପର୍କକୁ ଅଗ୍ରାଧିକାର ପ୍ରଦାନ କରିଥାଏ । ଦୁଇଦେଶ ମଧ୍ୟରେ ଉଚ୍ଚସ୍ତରୀୟ ମତ ବିନିମୟରେ ପଦକ୍ଷେପ ଆଧାରରେ ଶ୍ରୀ ମିଶ୍ରି ଏହି ଗସ୍ତରେ ଯାଉଛନ୍ତି । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ

ସମ୍ପର୍କକୁ ଅଧିକ ମଜବୁତ୍ କରିବା ନେଇ ଶ୍ରୀ ମିଶ୍ରି ଆଲୋଚନା ବୈଠକରେ ଯୋଗଦେବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

## ପାକ୍ - ଫ୍ଲଡିଙ୍ଗ୍

ପ୍ରବଳ ବର୍ଷାଜନିତ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ପାକିସ୍ତାନରେ ମୃତ୍ୟୁସଂଖ୍ୟା ୩୫୦ରୁ ଅଧିକ ହୋଇଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଉତ୍ତର-ପଶ୍ଚିମ ପାକିସ୍ତାନର ପାର୍ବତ୍ୟାଞ୍ଚଳ ଖାଇବର୍ ପଖ୍ତୁନ୍ଖ୍ୱାରେ ମୃତ୍ୟୁସଂଖ୍ୟା ୩୨୪ରେ ପହଞ୍ଚିଛି । ବହୁଲୋକ ଏବେ ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି । ବୁନେର୍, ବାଜୌର, ସ୍ୱାତ୍, ସାଙ୍ଗ୍ଲା, ମାନ୍ସେହରା ଏବଂ ବଟ୍ଟଗ୍ରାମ ଆଦି ପାହାଡ଼ିଆ ଜିଲ୍ଲାକୁ ସେଠାକାର ପ୍ରାଦେଶିକ ସରକାର ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି । ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ବହୁ କୋଠାବାଡ଼ି ତଥା ନିର୍ମାଣ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି । ପାକିସ୍ତାନ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ । ଉତ୍ତର-ପଶ୍ଚିମ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଯୋଗାଯୋଗ କ୍ଷେତ୍ର ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାରୁ ରିଲିଫ୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ବାଜୌରକୁ ରିଲିଫ୍ ସାମଗ୍ରୀ ନେଇ ଯାଉଥିବା

ଏକ ସରକାରୀ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ପାଇଲଟ୍‌ଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ଘଟିଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଥିବା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ଚୀନ୍ - ଏଫ୍.ଏମ୍. ଭିଜିଟ୍

ଚୀନ୍ ବୈଦେଶିକ ମନ୍ତ୍ରୀ ତଥା ଚୀନ୍ କମ୍ୟୁନିଷ୍ଟ ପାର୍ଟିର ପଲିଟି ବ୍ୟୁରୋ ସଦସ୍ୟ ୱାଙ୍ଗ୍ ୟି ଆସନ୍ତାକାଲିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କ ନିମନ୍ତ୍ରଣକ୍ରମେ ସେ ଏହି ଗସ୍ତରେ ଆସୁଛନ୍ତି । ଭାରତ-ଚୀନ ସୀମା ସମ୍ପର୍କ ନେଇ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ୨୪ତମ ପର୍ଯ୍ୟାୟ ଆଲେଚନାରେ ଚୀନ ବୈଦେଶିକ ମନ୍ତ୍ରୀ ଅଂଶଗ୍ରହଣ କରିବେ । ଏହି ଗସ୍ତ ଅବସରରେ ସେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଗୋୟଲ - ଇଲେକ୍ଟ୍ରୋନିକ୍ସ ଏକ୍ସପୋର୍ଟ

ଦେଶରେ ବୈଦ୍ୟୁତିକ ଉପକରଣ ରପ୍ତାନୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ

ଗୋୟଲ୍ କହିଛନ୍ତି । ଗତ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ଚଳିତ ବର୍ଷ ୪୭ ପ୍ରତିଶତ ବୃଦ୍ଧି ଘଟିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ଏହା ହେଉଛି ସଫଳତା । ଗତ ୨୦୧୪-୧୫ରୁ ଆରମ୍ଭ ହୋଇଥିବା ଏହି ପଦକ୍ଷେପଦ୍ୱାରା ଏପର୍ଯ୍ୟନ୍ତ ବୈଦ୍ୟୁତିକ ଉତ୍ପାଦନ ୩୧ ବିଲିୟନ୍ ଡଲାରରୁ ବୃଦ୍ଧିପାଇ ୧୩୩ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି । ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ସରକାର ସର୍ବଦା ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ଶ୍ରୀ ଗୋୟଲ କହିଛନ୍ତି, ଦେଶରେ ଏବେ ୩ ଶହରୁ ଅଧିକ ମୋବାଇଲ୍ ନିର୍ମାଣ ୟୁନିଟ୍ ରହିଥିବାବେଳେ ବିଶ୍ୱ ସ୍ତରରେ ଭାରତ ଦ୍ୱିତୀୟ ବୃହତ୍ତମ ମୋବାଇଲ୍ ଫୋନ୍ ନିର୍ମାତା ଭାବେ ପରିଗଣିତ ହୋଇଛି । ବୈଦ୍ୟୁତିକ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ୍ କହିଛନ୍ତି ।

## ଫୁଟ୍‌ବଲ୍ - ଡୁରାଣ୍ଡ କପ୍

ଡୁରାଣ୍ଡ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟରେ ଆଜି ମୋହନ ବାଗାନ ସୁପର ଜାଏଣ୍ଟ ଏବଂ ଇଷ୍ଟ ବେଙ୍ଗଲ୍ ମଧ୍ୟରେ ମୁକାବିଲା ହେବ । କୋଲ୍‌କାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନଠାରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଉଭୟ ଦଳ

ସେମାନଙ୍କର ଗ୍ରୁପ୍ ପର୍ଯ୍ୟାୟରେ  ସମସ୍ତ ମ୍ୟାଚ୍ ଜିତି ତାଲିକାର ଶୀର୍ଷସ୍ଥାନରେ ରହିଥିବାରୁ କ୍ୱାର୍ଟର ଫାଇନାଲ୍ ଖେଳ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ଏହି ମ୍ୟାଚ୍‌ର ବିଜେତା ସେମିଫାଇନାଲ୍ ପର୍ଯ୍ୟାୟକୁ ପ୍ରବେଶ କରିବ । ଜାମ୍‌ଶେଦ୍‌ପୁର ଏଫ୍.ସି. ଏବଂ ଡାଇମଣ୍ଡ ହାର୍ବର ଏଫ୍.ସି. ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

*****